**ଝାଡ଼େଶ୍ୱର ମନ୍ଦିରରେ ଶ୍ରାବଣୀ ଉତ୍ସବ**

ଘସିପୁରା,(ନିରଞ୍ଜନ ସାହୁ)–କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଘସିପୁରାସ୍ଥିତ ଝାଡ଼େଶ୍ୱର ମନ୍ଦିରରେ ଶ୍ରାବଣୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଶ୍ରାବଣର ଶେଷ ସୋମବାର ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାଦେବଙ୍କୁ ଜଳ ଲାଗି କରିଥିଲେ। ପୁଣ୍ୟତୋୟା ବୈତରଣୀ ନଦୀରୁ ପୂଜାନୀତି ପୂର୍ବକ ଜଳ କଳସ ଆଣି ଶ୍ରଦ୍ଧାଳୁମାନେ ଜଳାଭିଷେକ କାର୍ଯ୍ୟ ସମ୍ପାଦନ କରିଥିଲେ। ଦୀର୍ଘ ୩୫ ବର୍ଷ ଧରି ପାଳିତ ହୋଇଆସୁଥିବା ଉତ୍ସବ ଦିନକୁ ଦିନ ଏହାର ଗାରିମା ବୃଦ୍ଧି କରିପାରିଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉପଖଣ୍ଡ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ସଂକ୍ଷେପରେ

### ୧୬ ଥାନାରେ ନୂତନ ଅଧିକାରୀ ନିଯୁକ୍ତି

**ଭଦ୍ରକ,୨୮।୮ (ସନାତନ ରାଉତ):** ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ଜିଲାର ୧୬ ଥାନାରେ ନୂତନ ଥାନାଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଟାଉନ ଥାନାରେ ବୀରେନ୍ଦ୍ର କୁମାର ସେନାପତି, ପୁରୁଣାବଜାର ଥାନାରେ ନିରୋଜ ସାମଲ, ସାବରଙ୍ଗରେ ରୀନା ବକ୍ସଲା, ନାୟକାଣିଡିହୀରେ ସାବିତ୍ରୀ ପଣ୍ଡା, ବାସୁଦେବପୁରରେ ଲୋପାମୁଦ୍ରା ନାୟକ, ଚୁଡ଼ାମଣି ମେରାଇନ ଥାନାରେ ଅଜୟ କୁମାର ମୁର୍ମୁ, କଷିଆ ମେରାଇନ ଥାନାରେ ସଲଖାନ୍ ମୁର୍ମୁ, ଭଣ୍ଡାରିପୋଖରୀରେ ଅଜୟ ସୁଦର୍ଶନ ବାଗ୍, ବନ୍ତରେ ଶ୍ରୀବଲ୍ଲଭ ସାହୁ, ଆଗରପଡ଼ାରେ ଅମିତ୍ କୁମାର ଭୂୟାଁ, ଧାମନଗରରେ ଫନୀନ୍ଦ୍ର ଭୂଷଣ ନାୟକ, ଧୁଷୁରୀରେ ବନାନୀ ବେହେରା, ଧାମରା ମେରାଇନ ଥାନାରେ କୃଷ୍ଣଚନ୍ଦ୍ର ଜାନୀ ଓ ଚାନ୍ଦବାଲି ଥାନାରେ ପଞ୍ଚାନନ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ସବ୍‌ଇନ୍ସପେକ୍ଟର ଶ୍ରୀକାନ୍ତ ପତିଙ୍କୁ ପୀରହାଟ ଥାନା ଓ ଦେବରାଜ ଜେନାଙ୍କୁ ବାଂଶଡ଼ା ଥାନାରେ ଓଆଇସି ଭାବେ ଅବସ୍ଥାପିତ କରାଯାଇଛି।

### ଖେଳୁଥିବା ବେଳେ କାନ୍ଥ ଭାଙ୍ଗି ବାଳକ ମୃତ

ଠାକୁରମୁଣ୍ଡା,୨୮।୮ (ତାରାକାନ୍ତ ପଟ୍ଟନାୟକ)– ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଚଢ଼େଇଭୋଳ ଫାଣ୍ଡି ଅଧୀନ ମୁର୍ଗାପାଟ ଗ୍ରାମରେ ରବିବାର କାନ୍ଥ ଭାଙ୍ଗି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନାଣ୍ଟୁ ବନାରାଙ୍କ ପୁଅ ତୁରାମ(୧୦)। ସୂଚନା ଅନୁଯାୟୀ, ଗ୍ରାମ ନିକଟସ୍ଥ ପଡ଼ିଆରେ ପିଲାମାନେ ଫୁଟବଲ୍ ଖେଳୁଥିବା ବେଳେ ବଲ୍‌ଟି ନିକଟରେ ଥିବା ଏକ ଜରାଜୀର୍ଣ୍ଣ ଘରର କାନ୍ଥ ପାଖକୁ ଯାଇଥିଲା। ତୁରାମ ବଲ୍ ଆଣିବାକୁ ଯିବା ସମୟରେ କାନ୍ଥଟି ଭାଙ୍ଗି ପଡ଼ିଥିଲା। କାନ୍ଥ ତଳେ ଚାପିହୋଇ ତୁରାମଙ୍କ ମୃତ୍ୟୁ ହୋଇଥିଲା। ଫାଣ୍ଡି ଅଧିକାରୀ ସାଲଖାନ ହେମ୍ବ୍ରମ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ପୂର୍ବ ଶତ୍ରୁତାରୁ ହତ୍ୟା, ୩ ଗିରଫ

କୁଳିଅଣା,୨୮।୮ (ଆଦିକନ୍ଦ ସାହୁ)– ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଡିପାସାହିରେ ପୂର୍ବ ଶତ୍ରୁତାରୁ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟଚାଲାଣ କରିଛି। ମୃତକ ହେଲେ ଅଜିତ ନାଏକ। ପୋଲିସ ସୂଚନା ଅନୁଯାୟୀ, ଗତ ଗୁରୁବାର ରାତି ୭ଟାରେ ଅଜିତ ତାଙ୍କ ମୋବାଇଲ ଚିଚାର୍ଜ କରିବା ପାଇଁ ଗ୍ରାମର ରାଜେଶ ନାଏକଙ୍କ ଦୋକାନକୁ ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାଜେଶଙ୍କ ସହ ତାଙ୍କର ବଚସା ହୋଇଥଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜେଶ ଓ ତାଙ୍କ ସହଯୋଗୀ ଶମ୍ଭୁ ନାଏକ ଏବଂ ସତ୍ୟବ୍ରତ ପ୍ରଧାନ ସଂଘବଦ୍ଧ ଭାବେ ଅଜିତଙ୍କୁ ଆକ୍ରମଣ କରିଥିଲେ। ମୁମୂର୍ଷ ଅବସ୍ଥାରେ ଅଜିତ ସେଠାରେ ପଡ଼ିରହିଥିବା ବେଳେ ଖବରପାଇ ତାଙ୍କ ସ୍ତ୍ରୀ ଅଞ୍ଜନା ପହଞ୍ଚି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅଜିତଙ୍କ ମୃତ୍ୟୁ ହୋଇଥିଲା। ଅଞ୍ଜନାଙ୍କ ଅଭିଯୋଗ କ୍ରମେ କୁଳିଅଣା ପୋଲିସ ହତ୍ୟା ମାମଲା(ନଂ.୧୧୬/୨୩) ରୁଜୁ କରି ଅଭିଯୁକ୍ତ ରାଜେଶ, ଶମ୍ଭୁ ଓ ସତ୍ୟବ୍ରତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

# ତଦନ୍ତ ପୂର୍ବରୁ ଦୋଷ ଲୁଚାଇବାକୁ ଉଦ୍ୟମ

■ଭାଲୁପାହାଡ଼ିରେ ବନୀକରଣରେ ଦୁର୍ନୀତି ପ୍ରସଙ୍ଗ
■ଆଜି ଯାଞ୍ଚ କରିବ ବିଭାଗୀୟ ଭିଜିଲାନ୍ସ କମିଟି

**କେନ୍ଦୁଝର,୨୮।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଯମୁନାପଶି ବିଟ୍ ଭାଲୁପାହାଡ଼ି ଲଣ୍ଡାପାହାଡ଼ରେ କାମ୍ପା ଅନୁଦାନରେ ହୋଇଥିବା ବନୀକରଣର ଯାଞ୍ଚ କରିବେ ବନ ବିଭାଗର ସମ୍ବଲପୁର ଭିଜିଲାନ୍ସ କମିଟି। ବନୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ପରେ ପିସିସିଏଫ୍‌ଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଭିଜିଲାନ୍ସ କମିଟି ଟିମ୍ ୨୯ ତାରିଖ ତଥା ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିବ। ତଦନ୍ତ ଟିମ୍ ଆସିବା ପୂର୍ବରୁ ଦୋଷ ଲୁଚାଇବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ପଦ୍ମପୁର ସଂରକ୍ଷିତ ଜଙ୍ଗଲର ଭାଲୁପାହାଡ଼ିରେ ୨୦୨୦–୨୧ ରେ ୧୬ହଜାର ଚାରାରୋପଣ ହୋଇଥିଲା। ଲଣ୍ଡାପାହାଡ଼ର ପୁନରୁଦ୍ଧାର ପାଇଁ ୧୦ ହେକ୍ଟର ଜମିରେ ଜାମୁ, ଲିମ୍ବ, ଫେଣଫେଣା, କସି, ଅଁଳା, ବାହାଡ଼ା, ପଣସ, ତେନ୍ତୁଳି, ପିଆଶାଳ, ଶାଗୁଆନ, ଶିରିଶ, ଗମ୍ଭାରୀ, ଭାଲିଆ, ଅର୍ଜ୍ଜୁନ, କୃଷ୍ଣଚୁଡ଼ା, ବେଲ, ଶିଶୁ, ସିମାରୁଆ, ଆମ୍ବ, ପିଜୁଳି, କରଞ୍ଜ ହେକ୍ଟର ପିଛା ୧୬ ଶହ ମୋଟ ୧୬ ହଜାର ଗଛ ଲଗାଯାଇଥିଲା। କାମ୍ପା ଅନୁଦାନରେ ସରକାରଙ୍କ ପକ୍ଷରୁ ମୋଟ ୮ଲକ୍ଷ ୩୨ହଜାର ଟଙ୍କା ବିଲ୍ କରାଯାଇଥିଲା। ରକ୍ଷଣାବେକ୍ଷଣ ଅର୍ଥକୁ ମଧ୍ୟ ବିଲ୍ କରି ଚଳୁ କରି ଦେଇଥିବାବେଳେ ଅନାବନା ବୁଦା ଓ ପାଣି ଅଭାବରୁ ଅନେକ ଗଛ ମରି ଯାଇଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ଗଛ ଚାରିପଟ ସଫେଇ ହେଉ ନ ଥିବା ବେଳେ କାର୍ଯ୍ୟାନୁଷ୍ଠାନ ଭୟରେ କିଛି ଦିନ ହେବ ବୁଦା ସଫେଇ ଚାଲିଛି। ପାଟଣା ରେଞ୍ଜର ଦାୟିତ୍ୱରେ ଥିବା ପ୍ରଭାତ କୁଅଁର କହିଛନ୍ତି, ୨ ଦିନ ଧରି ଉଚ୍ଚସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଗଛ ଗଣନା କରାଯିବ। ଗଣନା ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ।


ବିଭାଗ ପକ୍ଷରୁ ତରବରିଆ ଭାବେ ଗଛ ମୂଳରୁ ଲତା ସଫା କରାଯାଇଛି।

# କାଉଡ଼ିଆଙ୍କୁ ପ୍ରସାଦ ବାଢ଼ିଲେ ବିଧାୟକ


ବିଧାୟକ ଜଗନ୍ନାଥ ନାଏକ କାଉଡ଼ିଆଙ୍କୁ ପ୍ରସାଦ ବାଢୁଛନ୍ତି।

**ପାଟଣା,୨୮।୮ (ବୀରକିଶୋର ଦାଶ)**

ଶ୍ରାବଣ ମାସର ଶେଷ ସୋମବାରରେ କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟର ୨ ପ୍ରମୁଖ ଶୈବ ପୀଠରେ କାଉଡ଼ିଆଙ୍କ ପ୍ରବଳ ସମାଗମ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ଏଥି ସକାଶେ ପୁରାତନ ଆନନ୍ଦେଶ୍ୱର ଓ ବୈତରଣୀ ତଟ ପରମେଶ୍ୱର ଶିବ ମନ୍ଦିରରେ କାଉଡ଼ିଆଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କାଉଡ଼ିଆମାନେ ପରମେଶ୍ୱର ଶିବ ମନ୍ଦିର ସନ୍ନିକଟ ଅନୁସୟା ଘାଟରୁ ପାଣି ଉଠାଇ ପାଟଣାସ୍ଥିତ ଆନନ୍ଦେଶ୍ୱର ମହାଦେବ ମନ୍ଦିର ଓ ବୈତରଣୀ ନଦୀ କୂଳରେ ଥିବା ଶ୍ରୀ ପରମେଶ୍ୱର ମହାଦେବ ମନ୍ଦିରରେ ଜଳଲାଗି କରିଛନ୍ତି। ପାଟଣା ଆନନ୍ଦେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବ୍ୟବସାୟୀ ରଞ୍ଜନ କୁମାର ସାହୁ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ନିଶୁଳ୍କ ପ୍ରସାଦ ବଣ୍ଟନ କରାଯାଇଥିଲା। ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଉପସ୍ଥିତ ରହି କାଉଡ଼ିଆଙ୍କୁ ପ୍ରସାଦ ବାଢ଼ିଥିଲେ। ଅନୁରୂପ ଭାବେ ପରମେଶ୍ୱର ଶିବ ମନ୍ଦିରରେ ମନ୍ଦିର କମିଟି ଓ ହେଲପିଂ ହ୍ୟାଣ୍ଡ କରଞ୍ଜିଆ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଶ୍ରମିକମାରଣ ନୀତି ଅଭିଯୋଗରେ ଗଣଧାରଣା



ଇସ୍ପାତ ଆଲଏଜ୍ ଏମ୍ପ୍ଲୋଇଜ ୟୁନିୟନର ଗଣଧାରଣା।

**ବାଲେଶ୍ୱର, ୨୮।୮ (ମାନସ ବିଶ୍ୱାଳ)**

ଶ୍ରମିକମାରଣ ନୀତିକୁ ବିରୋଧ କରି ଇସ୍ପାତ ଆଲଏଜ୍ ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ସୋମବାର ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ବାଲେଶ୍ୱର ଆଲଏଜ୍ ଲିଃ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।

ଗଣଧାରଣାରେ ୟୁନିୟନ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଯୋଗଦେଇ କମ୍ପାନୀର ଶ୍ରମିକମାରଣ ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକମାନଙ୍କର ନ୍ୟାର୍ଯ୍ୟ ଦାବିକୁ ପୂରଣ ନ କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କହିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଗଣଧାରଣାରେ ଯୋଗଦେଇ ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେବା ସହ କୌଣସି ଶ୍ରମିକ ନିଜ ନିଜର ହକ୍ ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଆସି ଆସନ୍ତା ୧୫ଦିନ ମଧ୍ୟରେ ଶ୍ରମିକମାନଙ୍କର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିବା ପରେ ଗଣଧାରଣା ସ୍ଥଗିତ ରଖାଯାଇଥିଲା। ଉକ୍ତ ଗଣଧାରଣାରେ ଇସ୍ପାତ ଆଲଏଜ୍ ଏମ୍ପ୍ଲୋଇଜ ୟୁନିୟନର ସଭ୍ୟ ମନୋରଞ୍ଜନ ମହାଳିକ, ଅନୁପ ନାୟକ, ବିଦ୍ୟାଧର ସାହୁ, ନବକିଶୋର ନାୟକ ଓ ଗଦାଧର ପ୍ରଧାନଙ୍କ ସମେତ ବହୁ ଶ୍ରମିକ ଉପସ୍ଥିତ ଥିଲେ।

## ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର ଚଢ଼ାଉ

### ୬୭୫ ଲିଟର ସୁରା ଜବତ, ଜଣେ ଗିରଫ

**ଧାମନଗର,୨୮।୮ (ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଚିଙ୍ଗୁଡ଼ିପୁରସ୍ଥିତ ଏକ ଗୋଦାମରେ କଟକ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଧାମନଗର ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ୬୭୫ ଲିଟର ସୁରା ଜବତ ସହ ଜଣଙ୍କୁ ଗିରଫ କରିଛନ୍ତି। ରବିବାର ବିଶ୍ୱନାଥ ପାଢ଼ୀଙ୍କ ଗୋଦାମରେ ବେଆଇନ ଭାବେ ୬୭୫ ଲିଟର ସୁରା ଗଚ୍ଛିତ ଥିବା ଖବରପାଇ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର ଇନ୍ସପେକ୍ଟର ହୋସେନ ଇସୁ ହାଁସଦା, ଏଏସ୍ଆଇ ପ୍ରଦୀପ ବେହେରା, ନଟବର ବେହେରା, ରୋଜାଲିନ ପଟ୍ଟନାୟକ ଏବଂ ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ସନ୍ଦୀପ ପାଢ଼ୀ, ଏଏସ୍ଆଇ ଭବେଶ ଦାସ ପ୍ରମୁଖ ଚଢ଼ାଉ କରିଥିଲେ। ବିଶ୍ୱନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ଶନିବାର ଧାମନଗର ବିଜୁ ପଟ୍ଟନାୟକ ଛକ ନିକଟରେ ଏକ ବୋଲେରୋରୁ ୨୭୦ ଲିଟର ସୁରା ଓ ୧୦୬୦ ଲିଟର ପୋଚ, ମଙ୍ଗଳପୁରଠାରୁ ୩୬୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ଏଥିସହ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା।

# ମୁର୍ଗା ମହାଦେବ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ


ମନ୍ଦିର ସମ୍ମୁଖରେ କାଉଡ଼ିଆ।

**ଯୋଡ଼ା,୨୮।୮ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ପ୍ରସିଦ୍ଧ ମୁର୍ଗା ମହାଦେବ ଧବଳେଶ୍ୱରଙ୍କ ପୀଠରେ ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ହଜାର ସଂଖ୍ୟକ କାଉଡିଆ ଜଳାଭିଷେକ କରିଛନ୍ତି। ଶେଷ ସୋମବାର ଯୋଗୁ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟ ହୋଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଶୈବପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ବୋଲବମ ଭକ୍ତ ଜଳାଭିଷେକ ପାଇଁ ଆସିଥିଲେ। ରାତି ୨ ଘଟିକରେ ପହଡ଼ ଭାଙ୍ଗିବା ପରେ କାଉଡିଆ ଧାଡ଼ିରେ ରହି ଶାନ୍ତି ଶୃଙ୍ଖଳାର ସହିତ ଜଳଲାଗି କରିଥିଲେ। କିଛି ଭକ୍ତ ବାସୁଦେବପୁରଠାରେ ପ୍ରବାହିତ ପବିତ୍ର ବୈତରଣୀ ନଦୀରେ କାଉଡ଼ିଆ ବୁଡ଼ ପକାଇ ୧୩ କି.ମି. ରାସ୍ତା ଚାଲିଚାଲି ଯାଇ ମୁର୍ଗା ମହାଦେବଙ୍କ ମନ୍ଦିରରେ ଜଳଲାଗି କରିଛନ୍ତି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ପାଦକ ବୀର ନାଏକ ସୂଚନା ଦେଇଛନ୍ତି।

# ତହସିଲଦାରଙ୍କ ବିରୋଧରେ ଅଭିଯୋଗ କଲେ ମହିଳା

**ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି**

**ଚାନ୍ଦବାଲି,୨୮।୮ (କିଶାନ ପାତ୍ର/ ଅଶୋକ ପଣ୍ଡା)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ୟକ୍ତିଗତ ସମସ୍ୟାଭିତ୍ତିକ ୧୫୦ ଓ ସାମୂହିକ ୫୨ ମୋଟ ୨୦୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ସମସ୍ୟା, ଶିକ୍ଷକ ଅଭାବ, ମେଡିକାଲରେ କର୍ମଚାରୀ ଅଭାବ, ନିମ୍ନମାନର ଶିଶୁ ଖାଦ୍ୟ ବଣ୍ଟନ ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ତେବେ ଜଳେଶ୍ୱରପୁରର ସାମାଜିକ କର୍ମୀ ରମାକାନ୍ତ ଭୋଳଙ୍କ ସ୍ତ୍ରୀ ପ୍ରଗତୀ ଭୋଳ ଚାନ୍ଦବାଲି ତହସିଲଦାରଙ୍କ ବିରୋଧରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ତାଙ୍କ ସ୍ୱାମୀଙ୍କ ନାମରେ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ମିଛ ମାମଲା ଦାଏର କରାଯାଇଥିବା କହିଥିଲେ। ଏନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ଅବଗତ କରିଥିଲେ।

ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ବିଡିଓ ଜ୍ୟୋତିବିକାଶ ଦାସ, ତହସିଲଦାର ସୁଶାନ୍ତ ସୂତାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

### ପେଟିରୁ ମିଳିଲା ନବଜାତ ଶିଶୁର ମୃତଦେହ

**ରୂପସା, ୨୮।୮ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ଥାନା ବସ୍ତା–ବାଲିଆପାଳ ରାସ୍ତାର ପେଜଗଳା ପୋଲ ନିକଟରେ ସୋମବାର ଏକ କାଗଜ ପେଟି ଭିତରେ ନବଜାତ ଶିଶୁର ମୃତଦେହ ମିଳିଛି। ମୃତ ପିଲା ଜନ୍ମ ହେବା ପରେ ଏଠାରେ କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଏହି ଶିଶୁକୁ ନ ପୋତି କାହିଁକି ଏଠାରେ ଏମିତି କାଗଜପେଟି ଭିତରେ ରଖି ଫିଙ୍ଗି ଦିଆଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଜଟେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଜଳଲାଗି

**ବଡ଼ବିଲ,୨୮।୮ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଜଟେଶ୍ୱର ବାବା ଶୈବପୀଠରେ ଶ୍ରାବଣମାସ ଶେଷ ସୋମବାରରେ ବୋଲବମ ଭକ୍ତଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଭକ୍ତିର ସହ ଶିବ ଲିଙ୍ଗରେ ଜଳଲାଗି କରିଥିବା ଦେଖିବାକୁ ମିଳିଛି। ବଡ଼ବିଲଠାରୁ ପ୍ରାୟ ୭ କିଲୋମିଟର, ବଡବିଲ ପୌରାଞ୍ଚଳର ସୀମାରେଖାଠାରୁ ପ୍ରାୟ ୩ କିଲୋମିଟର ବଳିତା ଗ୍ରାମ ଆଡକୁ ଯିବାବେଳେ ପାହାଡ଼, ଝରଣା, ଜଳପ୍ରପାତ ଓ ଜଙ୍ଗଲରେ ପରିବେଷ୍ଟିତ ପ୍ରାକୃତିକ ପରିବେଶ ମଧ୍ୟରେ ଜଟେଶ୍ୱର ବାବାଙ୍କ ଶୈବପୀଠ ଅବସ୍ଥିତ। ଆଖପାଖରେ ଅନେକ ଖଣି କମ୍ପାନୀ ରହିଥିଲେ ହେଁ ଏହି ଶୈବପୀଠକୁ ଯାତାୟାତ ନିମନ୍ତେ ସେଭଳି ସୁବିଧା ହୋଇପାରିନାହିଁ। ଯିବା ରାସ୍ତାରେ ତୀକ୍ଷ୍ଣ ପର୍ବତ, ତିନୋଟି ଝରଣା ପାରି କରିବାକୁ ପଡ଼ିଥାଏ। ଏହି ସ୍ଥାନରେ ପହଞ୍ଚି ଭକ୍ତମାନେ ମହାଦେବଙ୍କ ଦର୍ଶନ କରି ନିଜକୁ ଧନ୍ୟମନେ କରିଥାନ୍ତି। ଶ୍ରାବଣମାସ ଶେଷ ସୋମବାର ଯୋଗୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ମହଦେବଙ୍କୁ ଜଳ ଲାଗି କରିଥିଲେ। ଶୈବପୀଠର ସ୍ଥାନେସ୍ଥାନେ ଭକ୍ତଙ୍କୁ ଖେଚୁଡ଼ି, ଖିରୀ, ପୁରୀ ସୋଲା ଆଳୁ ତରକାରୀ ଓ ବୁନ୍ଦିଆ ଆଦି ବିଭିନ୍ନ ସ୍ୱେଚ୍ଛାସେବୀମାନେ ବିତରଣ କରୁଥିବା ଦେଖିବାକୁ ମିଳିଥିଲା।

# କଳାବ୍ୟାଜ୍ ପିନ୍ଧିଲେ ଡାକ୍ତରୀ ଛାତ୍ରୀଛାତ୍ର

**ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ**

**ବାରିପଦା,୨୮।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ସର୍ଜରୀ ସେମିନାର ହଲ ସମ୍ମୁଖରେ ସୋମବାର ପ୍ରଶିକ୍ଷଣ ଗ୍ରହଣ କରୁଥିବା ଡାକ୍ତରୀ ଛାତ୍ରୀଛାତ୍ରମାନେ ୨ ଦଫା ଦାବି ନେଇ କଳାବ୍ୟାଜ୍ ପିନ୍ଧିବା ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଛନ୍ତି। ଦୁଇ ଦଫା ଦାବି ନେଇ ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ, ସଚିବଙ୍କ ସମେତ ୫–ଟି ସଚିବଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟ ସଚିବ ପ୍ରମୁଖଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।



କଳାବ୍ୟାଜ୍ ପନ୍ଧିଥିବା ଡାକ୍ତରୀ ଛାତ୍ରୀଛାତ୍ର।

### ଗାଁମୁହାଁ ଝାଡ଼ଖଣ୍ଡୀ ହାତୀ

# ଭାଙ୍ଗିଲେ ଘର, ଲୋକେ ଆତଙ୍କିତ

**ନୀଳଗିରି, ୨୮।୮ (ପ୍ରଶାନ୍ତ ବିଶ୍ୱାଳ)**

ଖାଦ୍ୟ ଅନ୍ୱେଷଣରେ ଏବେ ଗାଁମୁହାଁ ଝାଡ଼ଖଣ୍ଡ ହାତୀ। ନୀଳଗିରି ଏନ୍‌ଏସିରେ ଦୁଇଟି ଦନ୍ତା ପଶି ଘର ଭାଙ୍ଗିବା ସହ ବ୍ୟାପକ ଉପଦ୍ରବ ଚଳାଇଛନ୍ତି। ୧୫ଦିନରୁ ଊର୍ଦ୍ଧ୍ୱ ହେବ ଝାଡ଼ଖଣ୍ଡରୁ ଆସିଥିବା ଦୁଇଟି ଦନ୍ତା ହାତୀ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ରହିବା ସହ ନୀଳଗିରି ବିଭିନ୍ନ ସ୍ଥାନରେ ପଶି ଆତଙ୍କ ଖେଳାଇଛନ୍ତି। ରବିବାର ମଧ୍ୟରାତ୍ରରେ କୁଲଡ଼ିହା ଅଭୟାରଣ୍ୟର ପାଦଦେଶରେ ଥିବା ନୀଳଗିରି ଏନ୍‌ଏସି ଅଧୀନ ୩ ନମ୍ବର ୱାର୍ଡ଼ ଚଡୁରିସାହି ଗ୍ରାମରେ ଦୁଇଟି ଦନ୍ତା ପଶି ଘର ଭାଙ୍ଗିଥିଲେ। ବୀରେନ୍ଦ୍ର ସିଂଙ୍କ ଘର ଭାଙ୍ଗିବା ସହ ଭାତହାଣ୍ଡି, ଆସବାବପତ୍ର ନଷ୍ଟ କରିଥିଲେ। ଘର ଭିତରେ ପରିବାର ଶୋଇଥିବା ବେଳେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେହିପରି କାହ୍ନୁ ସିଂଙ୍କ ବାଡ଼ ଭାଙ୍ଗି ଆସବାବପତ୍ର ନଷ୍ଟ କରିଛନ୍ତି। ମୋହନ ସିଂଙ୍କ ପରିବାର ମଧ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାତିସାରା ଗାଁଲୋକେ ଉଜାଗର ହୋଇ ହାତୀଙ୍କ ପାଖରୁ ପରିବାରଙ୍କୁ ସୁରକ୍ଷା ଦେବାରେ ଲାଗିପଡ଼ିଥିଲେ। ବନବିଭାଗ ଆସି ଲୋକଙ୍କ ସହାୟତାରେ ହାତୀ ଘଉଡ଼ାଇଥିବା ବେଳେ ଦୁଇଟି ହାତୀ କୁଲଡ଼ିହା ଅଭୟାରଣ୍ୟ ସୀମାନ୍ତ ଜଙ୍ଗଲରେ ରହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦାବି ସହ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅଞ୍ଚଳରେ ବନବିଭାଗ ପାଟ୍ରୋଲିଂ ଜୋରଦାର୍ କରିବାକୁ ଦାବି କରିଛନ୍ତି।


ହାତୀ ଦ୍ୱାରା ନଷ୍ଟ ହୋଇଥିବା ଘର।

### କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

ମୋରଡ଼ା,୨୮।୮ (ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କମାରଡିହା ପଞ୍ଚାୟତର ପାଞ୍ଚମାଣିଆ ଗ୍ରାମରେ ସୋମବାର ଭୋର ସମୟରେ ହାତୀ ପଶି ୨ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ପାଞ୍ଚମାଣିଆ ଗ୍ରାମର ବାସି ମାରାଣ୍ଡି ଓ ଗୋବିନ୍ଦ ମାରାଣ୍ଡିଙ୍କ ଘରକୁ ହାତୀ ଭାଙ୍ଗି ଦେବା ସହିତ ଘରେ ଥିବା ଆସବାବପତ୍ରକୁ ନଷ୍ଟ କରିଦେଇଥିବା ଜଣାପଡିଛି । ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଗଞ୍ଜେଇ ଜବତ, ଜଣେ ଗିରଫ

ଚାନ୍ଦବାଲି,(କିଶାନ ପାତ୍ର/ଅଶୋକ ପଣ୍ଡା)- ଭଦ୍ରକ ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ନିରୀକ୍ଷକ ଦିଲୀପ ନାୟକଙ୍କ ନେତୃତ୍ୱରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଚାନ୍ଦବାଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଳାଷ ପାଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ମତୋ ବଜାରରେ ଚଢ଼ାଉ କରିଛି। ୧.୯୦୦ କିଲୋଗ୍ରାମ ଗଞ୍ଜେଇ ଜବତ ସହ ପାଟଣାସାହି ଗ୍ରାମର ମହେନ୍ଦ୍ର ବାରିକଙ୍କୁ ଟିମ୍ ଗିରଫ କରିଛି। ଏଏସ୍‌ଆଇ ଦୀପକ ରାଉତ, କନ୍‌ଷ୍ଟେବଲ ଅନବାଦିତ୍ୟ ବାରିକ, ଉମେଶ ମହଲା, ରାମଚନ୍ଦ୍ର ନାୟକ, ସଞ୍ଜୟ ପାତ୍ର, ଖଗେଶ୍ୱର ଜେନା, ରାଜଲକ୍ଷ୍ମୀ ଦତ୍ତ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଆଜି କ'ଣ କେଉଁଠି

ଭଦ୍ରକ

- ନବନିର୍ମାଣ ଯୁବ-ଛାତ୍ର ସଙ୍ଗଠନ ପକ୍ଷରୁ ଧାରଣା, ସ୍ଥାନ-ଗାନ୍ଧୀପଡ଼ିଆ, ଭଦ୍ରକ ସମୟ: ପୂର୍ବାହ୍ନ ୧୦।

# କଫି ଚାଷ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ

## ଅନୁମତି ପତ୍ର ମାଗିଲେ ବନାଞ୍ଚଳ ଅଧିକାରୀ

କେନ୍ଦୁଝର,୨୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୂୟାଁ ଓ ଜୁଆଙ୍ଗପୀଢ଼ ବନାଞ୍ଚଳ ତଥା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଆମ୍ବଢ଼ହରା ଗ୍ରାମ ନିକଟରେ କଫି ଚାଷ ପାଇଁ ବହୁ ପରିମାଣରେ ଜଙ୍ଗଲ ଓ ପରିବେଶ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ସରକାରୀ ସଂସ୍ଥା ପକ୍ଷରୁ ବିନା ଅନୁମତିରେ ବହୁ ସଂଖ୍ୟକ ମୂଲ୍ୟବାନ ଗଛକୁ ମେଶିନ ଲଗାଇ କାଟାଯାଇଛି। ପରେ ସେସବୁକୁ ରାତାରାତି ମାଟିରେ ପୋତି ସମତୁଲ କରି ପ୍ରମାଣ ନଷ୍ଟ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବନାଞ୍ଚଳ ଅଧିକାରୀ ବିଜୟ ମହାନ୍ତ ସୂଚନା ପାଇବା ପରେ ଖୋଳତାଡ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, କଫି ବୋର୍ଡ ପକ୍ଷରୁ ୨୦ ହେକ୍ଟର ଜମିରେ କଫି ଚାଷ ପାଇଁ



ମେଶିନ ସହାୟତାରେ ଜମି ସମତୁଲ କରାଯାଉଛି।

କାମ ଆରମ୍ଭ ହୋଇଛି। ଜଳଛାୟା କମିଟି ଜରିଆରେ ଏହି କାମ ଚାଲିଛି। ଚାରିପାଖ ଟ୍ରେଞ୍ଚ୍ ଖୋଳାଯିବା ସହ ମେଶିନରେ ଜମିକୁ ସମତୁଲ କରି କାମ କରାଯାଉଛି। ବ୍ୟାପକ ଶାଳ ସମେତ ମୂଲ୍ୟବାନ ଗଛ କଟା ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବନାଞ୍ଚଳ ଅଧିକାରୀ କାମ ବନ୍ଦ କରାଯାଇ ତତସମ୍ପର୍କିତ କାଗଜପତ୍ର ଓ ଅନୁମତିପତ୍ର ମାଗିଛନ୍ତି। ଉତ୍ତର ମିଳିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ସେ କହିଛନ୍ତି। କେନ୍ଦୁଝର ଜଳଛାୟା ପ୍ରକଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରଦୀପ ରାଉତ କହିଛନ୍ତି, ତାଙ୍କର କିଛି ଭୁଲ ନାହିଁ। ଜଙ୍ଗଲ ବାହାରେ କାମ ହେଉଛି। କୌଣସି ଗଛ କଟାଯାଇନାହିଁ। କେବଳ ବୁଦା ସଫା କରାଯାଇଛି। ଏ ନେଇ ପୂର୍ବରୁ ବନ ବିଭାଗକୁ ଚିଠି କରାଯାଇଛି। ବନଖଣ୍ଡ ଅଧିକାରୀ ତଥା ପୂର୍ବ ବନାଞ୍ଚଳ ଅଧିକାରୀଙ୍କୁ ଚିଠି ଦେବା ପରେ ସେମାନଙ୍କ କହିବାନୁଯାୟୀ କାମ କରାଯାଉଛି ବୋଲି ସେ କହିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ପାଟଣା,୨୮।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ରାଇଡ଼ିହା ପଞ୍ଚାୟତ ଉପାନ୍ତ ଅଞ୍ଚଳ ମେଦିନିପୁର ଗାଁରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଟିକାୟତ ନାଏକଙ୍କ ସ୍ତ୍ରୀ କୁନ୍ତୀ ନାଏକ(୫୫)। ସୂଚନା ଅନୁଯାୟୀ, ଘରକୁ ଆସିଥିବା ବିଦ୍ୟୁତ ସର୍ଭିସ ତାର ସହ ମିଶାଇଟଣା ଯାଇଥିବା ଜିଆଇ ତାର ଚାର୍ଜ ହୋଇଯାଇଥିଲା। କୁନ୍ତୀ ଘରେ ପଡ଼ିଥିବା ଜିଆଇ ତାରକୁ ଅସାବଧାନତା ବଶତଃ ମାଡ଼ି ଦେଇଥିଲେ। ଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୩) ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା କହିଛନ୍ତି।

## ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖିଲେ ମହିଳା

ରାଇରଙ୍ଗପୁର,୨୮।୮(ମନୋରଞ୍ଜନ ତିରିଆ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଲା ବ୍ଲକର ଖନ୍ତଠାରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବଡ଼ାମତଳିଆ ଶାଖା ପରିଚାଳକ ନବରତ୍ନ ଗିରି ଗ୍ରାହକମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏଥିରେ ଅତିଷ୍ଠ ହୋଇ ସୋମବାର ବ୍ୟାଙ୍କ୍ ଖୋଲିବା ପୂର୍ବରୁ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ବ୍ୟାଙ୍କ୍ ସମ୍ମୁଖରେ ଏକାଠି ହୋଇ ବ୍ୟାଙ୍କ ପରିଚାଳକ ଏବଂ କ୍ୟାସିୟର୍ ଶାନ୍ତିଲତା ଟିପିରିଆଙ୍କୁ ପ୍ରାୟ ୨ ଘଣ୍ଟା ଧରି ଘେରାଉ କରି ରଖିଥିଲେ। ଏ ସମ୍ପର୍କରେ ସୂଚନା ପାଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ରାଇରଙ୍ଗପୁର ଆଞ୍ଚଳିକ ଶାଖା ପରିଚାଳକ ରାଜେଶ କୁମାର ଏବଂ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବ୍ୟାଙ୍କ୍ ନେଣଦେଣ ବେଳେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଯୁଗପୁରା ଷ୍ଟେଶନରେ ବାରିପଦା-ପୁରୀ ଟ୍ରେନ ରହଣି ଦାବି

ବୈଶିଙ୍ଗା,୨୮।୮(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେଶନରେ ବାରିପଦାର ଭଞ୍ଜପୁର ଷ୍ଟେଶନରୁ ପୁରୀ ଯାଉଥିବା ୦୮୦୧୧ନଂ. ଏବଂ ପୁରୀରୁ ଭଞ୍ଜପୁର ଆସୁଥିବା ୦୮୦୧୨ ନଂ. ଟ୍ରେନ ଅଟକୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ୧୨ଟି ପଞ୍ଚାୟତର ୫୦ହଜାରରୁ ଅଧିକ ଲୋକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯୁଗପୁରାର ପୂର୍ବ ଷ୍ଟେଶନ ଯୁଗଳ ଓ ପରବର୍ତ୍ତୀ ଷ୍ଟେଶନ ଠାକୁରତୋଟାରେ ମଧ୍ୟ ଏହି ଟ୍ରେନ୍‌ର ରହଣି ବ୍ୟବସ୍ଥା ନାହିଁ। ତେଣୁ ଜଗନ୍ନାଥ ଧାମ ଯାଉଥିବା ଯାତ୍ରୀମାନଙ୍କୁ ରାତି ୧୨.୩୦ ମିନିଟ ସମୟରେ ବେତନଟୀ କିମ୍ବା ରାତି ଗୋଟାଏ ସମୟରେ ରୁପ୍‌ସା ରେଳ ଷ୍ଟେଶନ ଯାଇ ସେଠାରୁ ଟ୍ରେନ୍ ଧରିବାକୁ ପଡ଼ିଥାଏ।

ଏଭଳି ସମସ୍ୟାକୁ ନେଇ ଯୁଗପୁରା ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ବିଧାୟକ ସନାତନ ବିଜୁଳି, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଖଡ଼ଗପୁରସ୍ଥିତ ଦକ୍ଷିଣ ପୂର୍ବ ରେଳୱେ ଡିଆର୍‌ଏମ୍ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଦ୍ୱାରା ଜଣାଯାଇଛି। ଏମ୍‌ପି ଷଡ଼ଙ୍ଗୀ ଏହି ସମସ୍ୟାର ସମାଧାନ ପାଇଁ ରେଳ ମନ୍ତ୍ରୀଙ୍କୁ ଗତ ୫।୩।୨୦୨୩ରେ ଲିଖିତ ଭାବେ ଜଣାଇଥିଲେ। ରେଳମନ୍ତ୍ରୀ ମଧ୍ୟ ଗତ ୧୨।୪।୨୩ରେ ପତ୍ର ନଂ ଏମ୍‌ଆର୍‌ଏ/୨୪୮୧/୨୦୨୩ ଦ୍ୱାରା ଯୁଗପୁରା ଷ୍ଟେଶନଠାରେ ୦୮୦୧୧ ଓ ୦୮୦୧୨ ନଂ. ରେଳ ଦୁଇଟିର ରହଣି ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁଧ୍ୟାନ କରି ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ଇତି ମଧ୍ୟରେ ୪ ମାସ ବିତିଯାଇଥିବା ବେଳେ ରେଳୱେ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖୁବ୍ ଶୀଘ୍ର ସମସ୍ୟା ବାବଦରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଷ୍ଟେଶନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଏକ ବୈଠକରେ ସ୍ଥିର କରାଯାଇଥିବା ସୂଚନା ମିଳିଛି।

# ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ଦାବି



ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୨୮।୮(ସନାତନ ରାଉତ)

ଭଦ୍ରକ ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟ ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ସିଟୁ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ନେତା ଦିବ୍ୟସିଂହ ନାୟକ, ରାଧା ଦାସ, ମଷ୍ଟୁ ମୁଣ୍ଡା, ଗଜ ମୁଣ୍ଡା, ଶାନ୍ତି ମୁଣ୍ଡା, ବୁଡୋ ମୁଣ୍ଡା, ପାକିନି ମୁଣ୍ଡାଙ୍କ ସମେତ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଭଦ୍ରକ ଜଗନ୍ନାଥପୁର ମୌଜାର ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଗୃହ ନିର୍ମାଣ ପାଇଁ ପଟ୍ଟା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି।

ଦୀର୍ଘ ୬୦/୭୦ ବର୍ଷ ଧରି ପିଲାଛୁଆଙ୍କ ସହ ସେଠାରେ ବସବାସ କରୁଥିବା ବେଳେ ଭଦ୍ରକ ପୌରପାଳିକାର ଭୋଟର ମଧ୍ୟ ଅଛନ୍ତି। ଭୋଟର କାର୍ଡ, ଆଧାର କାର୍ଡ, ବିଧବା, ବାର୍ଦ୍ଧକ୍ୟ ଭତ୍ତା ଆଦି ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଇଛି। କିନ୍ତୁ ଘରଡିହ ପଟ୍ଟା ମିଳୁ ନ ଥିବାରୁ ଗୃହ ନିର୍ମାଣ କରିପାରୁ ନ ଥିବା ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି। ଓଡ଼ିଶା ବସ୍ତିବାସିନ୍ଦାଙ୍କ ପାଇଁ ପ୍ରଣୟନ ୨୦୧୭ ଆଇନ ଅନୁସାରେ ଜାଗା ମିଶନ ପ୍ରୋଜେକ୍ଟ ଜରିଆରେ ପଟ୍ଟା ଯୋଗାଇ ଦେବାକୁ ଏକ ଦାବିପତ୍ର ସେମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ପ୍ରଦାନ କରିଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୨୮।୮(ଦୀପକ ମିଶ୍ର)

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସରକାରୀ ପୋଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଆଇନ ସେବା କ୍ଲବ୍‌ଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ରଶ୍ମିତା ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଜୀବନଯାପନ ପାଇଁ ଆହ୍ୱାନ ଦେଇ ସେମାନଙ୍କ ସୁରକ୍ଷା ପାଇଁ ପୋକ୍ସ ଆଇନର ତର୍ଜମା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ ନାୟକ ଉଦ୍‌ବୋଧନ ଦେଇ ସାଧାରଣ ଜନତାର ବନ୍ଧୁ ପୋଲିସ, ପ୍ରାଥମିକ ତଦନ୍ତ ରିପୋର୍ଟ, ଅପରାଧିକୁ ଗିରଫଦାରୀର ନିୟମ, ଦଣ୍ଡବିଧାନ, ମୋବାଇଲର ଅପବ୍ୟବହାର, ହେଲମେଟ ପରିଧାନ, ବ୍ୟାଙ୍କ ଅପରାଧ, ମୋବାଇଲ୍‌ର ଦୁରୂପଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ ବେହେରା, ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର, ମମତାରାଣୀ ମହାନ୍ତ, ସାଗରିକା ସାହୁ, ଯାତ୍ରୀ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ବର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ନିବେଦିତା



@ପାୟଲ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## ଟିଁଟିଆ ପଞ୍ଚାୟତରେ ଡେଙ୍ଗୁ ଆତଙ୍କ



ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ଟିମ୍।

### ସ୍ଥିତି ଅନୁଧ୍ୟାନ କଲା ସ୍ୱାସ୍ଥ୍ୟ ବିଭାଗ

ଖୁଣ୍ଟା,୨୮।୮(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ତଥା ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଟିଁଟିଆ ପଞ୍ଚାୟତରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଅଦ୍ୟାବଧି ଉକ୍ତ ପଞ୍ଚାୟତର ୧୮ ଜଣ ଡେଙ୍ଗୁରେ ଆକ୍ରାନ୍ତ ଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଯାହା ଏବେ ସଂପୃକ୍ତ ଅଞ୍ଚଳରେ ଚିନ୍ତାର କାରଣ ପାଲଟିଛି। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ନିର୍ମଳ ଦାସ, ଆୟୁସ ଡାକ୍ତର ପ୍ରକାଶ ସାହୁ, ବାରିପଦାର ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ପରାମର୍ଶଦାତା ସୂଚିସ୍ମିତା ପାତ୍ର, ଖୁଣ୍ଟା ସିଏଚ୍‌ସିର ବିପିଏମ୍ ଅନୁଭବ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ଟିମ୍ ସୋମବାର ଟିଁଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମର ଘରକୁ ଘର ଯାଇ ଡେଙ୍ଗୁର ଉତ୍ସ, ତାର ବାହକ ମଶା ବଂଶ ବୃଦ୍ଧି ନ ହେବା ପାଇଁ ଅନୁଧ୍ୟାନ କରି ଉପଯୁକ୍ତ ପରାମର୍ଶ ଦେବା ସହିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳର ୧୦ ଜଣ ବ୍ୟକ୍ତିଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇ ବାରିପଦା ପଠାଯାଇଛି।

# 'ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ଭଣ୍ଡାର'

### ସିଦ୍ଧେଶ୍ୱର ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ରୂପସା,୨୮।୮(ବାଞ୍ଛାନିଧି ଦେ)

ସ୍କୁଲ, କଲେଜରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସହ ସଂସ୍କାରୀ ଓ ଚରିତ୍ରବାନ ହେବା ଦିଗରେ ଶିକ୍ଷାଦାନ ଦିଆଯାଇଥାଏ। ବାସ୍ତବରେ ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ଭଣ୍ଡାର ବୋଲି ବାଲେଶ୍ୱର ଜିଲା ଅମର୍ଦ୍ଧାରୋଡସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟର ୪୪ତମ ସ୍ୱନକ୍ଷତ୍ର ଦିବସ ଓ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ରବିବାର ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ ଓ ମୁଖ୍ୟବକ୍ତା ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରିଶ ଚନ୍ଦ୍ର ଜେନା ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ଡ.ଅକ୍ଷୟ କୁମାର ପରିଡ଼ା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଗଭର୍ଣ୍ଣିଂ ବଡି ସଭାପତି ଉର୍ମିଳା ପରିଡ଼ା, ପୂର୍ବତନ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ, ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ




ସ୍ୱନକ୍ଷତ୍ର ଦିବସରେ ମଞ୍ଚାସୀନ ଅତିଥିଗଣ।

ମଞ୍ଚାସୀନ ହୋଇ ସ୍ଥାନୀୟ ଅଞ୍ଚଳବାସୀ, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ଉଦ୍ୟମ ବଳରେ ଏହି କଲେଜ ସମଗ୍ର ଜିଲାରେ ସ୍ୱତନ୍ତ୍ରତା ବଜାୟ ରଖିଛି ବୋଲି ବକ୍ତବ୍ୟରେ କହିଥିଲେ। ଇଂରାଜୀ ଅଧ୍ୟାପକ ସିଦ୍ଧାର୍ଥ ବରାଳ ମଞ୍ଚ ଆହ୍ୱାନ ଓ ଶିକ୍ଷା ବିଭାଗ ଅଧ୍ୟାପିକା ସନ୍ତୋଷିନୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ରୁବିରାଣୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ, ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ନାଥ ପଣ୍ଡା, ୨୦୧୧ ଇଂରାଜୀ ବିଭାଗରେ ବିଶ୍ୱବିଦ୍ୟାଳୟର ଟପ୍ପର ଛାତ୍ରୀ ତଥା ଅଧ୍ୟାପିକା ଲିପିକା ଦଳାଇ, ୨୦୧୮ ପ୍ରାଣୀ ବିଜ୍ଞାନ ଶ୍ରେଷ୍ଠ ସ୍ନାତକ ଓ ଶ୍ରେଷ୍ଠ ବିଜ୍ଞାନ ସ୍ନାତକ ଛାତ୍ରୀ ତଥା ସ୍ୱର୍ଣ୍ଣପଦକ ବିଜୟୀ ଅନନ୍ୟା ପରିଡ଼ା ଏବଂ ୨୦୨୩ ଓଡ଼ିଆ ବିଭାଗ ବିଶ୍ୱବିଦ୍ୟାଳୟର ଟପ୍ପର ତସଲିମା ଖାତୁନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦର୍ଶନ ବିଭାଗ ଅଧ୍ୟାପିକା ପ୍ରୀତିମଞ୍ଜରି ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ନଭେମ୍ବରରେ ଚିଙ୍ଗୁଡ଼ିପୁର ଜଗନ୍ନାଥ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଭଣ୍ଡାରିପୋଖରୀ, ୨୮।୮(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରମାନଙ୍କ ଆବାହକତ୍ୱରେ ସ୍କୁଲ ପରିସରରେ ଆୟୋଜିତ ଏହି ବୈଠକରେ ପରିଚାଳନା କମିଟି ସଭାପତି ନରେନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସେବା ସମବାୟ ସମିତି ସଦସ୍ୟ ବିଜୟ ଖିଲାର, ଶିକ୍ଷାବିତ୍ ରାମଚନ୍ଦ୍ର ରାଉତ, ବିନୋଦ ମହାରଣାଙ୍କ ସହ ବହୁ ପୁରାତନ ଛାତ୍ର ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ରୂପରେଖ ପାଇଁ ଉଚ୍ଚକୁଟୀର ପରାମର୍ଶକୁ ପୁରାତନ ଛାତ୍ର, ସୁବର୍ଣ୍ଣ ଜୟନ୍ତୀ ପରିଚାଳନା କମିଟି ସଦସ୍ୟମାନେ ସ୍ୱାଗତ ଜଣାଇଥିଲେ। ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜୟନ୍ତୀ କମିଟି କର୍ମକର୍ତ୍ତା ପ୍ରକାଶ କରିଥିଲେ।

## ପୁରାତନ ଛାତ୍ର ପରିଷଦର ବନ୍ଧୁମିଳନ



ଅଧ୍ୟକ୍ଷଙ୍କ ସହ ପୁରାତନ ଛାତ୍ର ଓ ଅଧ୍ୟାପକ ମଣ୍ଡଳୀ।

ଖଇରା, ୨୮।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପୁରାତନ ଛାତ୍ର ପରିଷଦର ବନ୍ଧୁ ମିଳନ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୋ କଲେଜ ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପୌରୋହିତ୍ୟ କରିଥିଲେ। ପ୍ରଥମେ ଦିବଂଗତ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋଚନା ଅବସରରେ ପୁରାତନ ଛାତ୍ରମାନେ ନିଜ ସ୍ମୃତି ଓ ଆଗାମୀ ଦିନରେ ମହାବିଦ୍ୟାଳୟକୁ ସୁନ୍ଦର ଭାବେ ଗଢିତୋଳିବା ଉପରେ ମତାମତ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ପରିଷଦ ସଭାପତି ପରେଶ ପ୍ରସାଦ ଦକ୍ଷିଣରାୟ ରୌପ୍ୟଜୟନ୍ତୀ ପାଳନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଅଧ୍ୟକ୍ଷ ଏହାକୁ ସମର୍ଥନ ଜଣାଇ ଆସନ୍ତାବର୍ଷ ଏହା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ନଭେମ୍ବର ୨୧ତାରିଖରେ ମହତାବଙ୍କ ଜୟନ୍ତୀ ପାଳନ ଅବସରରେ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପାଇଁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ।

# ନାମ ଲେଖାଇଲେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

### ରାଜ୍ୟ ମୁକ୍ତ ବିଦ୍ୟାଳୟ ସମ୍ପର୍କିତ ମେଗା ଶିବିର

ବାଲେଶ୍ୱର, ୨୮।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେଡକ୍ରସ୍ ଭବନ ପରିସରରେ ଓଡ଼ିଶା ସରକାରଙ୍କର ସ୍ୱତନ୍ତ୍ର ପାଠ୍ୟକ୍ରମ ରାଜ୍ୟ ମୁକ୍ତ ବିଦ୍ୟାଳୟ ସମ୍ପର୍କିତ ଏକ ମେଗା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାରୁ ପାଠପଢ଼ା ଛାଡ଼ିଥିବା, ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଏବଂ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରାଇ ଆଣି ମାଟ୍ରିକ ପରୀକ୍ଷା ଦେବାର ସୁଯୋଗ ସୃଷ୍ଟି କରାଯାଇଛି। ଜିଲାର ସମସ୍ତ ୧୨ଟି ବ୍ଲକରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଓ ଅଭିଭାବକ ଏହି ଶିବିରରେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଉଦ୍‌ଘାଟନ କରି ଏସ୍‌ଆଇଓଏସ୍‌ର ଉପକାରିତା ସମ୍ବନ୍ଧରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହ



ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରାଚୀତନୟା ଗିରି ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ପିଲାମାନଙ୍କୁ ଏହି ପାଠ୍ୟକ୍ରମର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ପବିତ୍ରମୋହନ ବାରିକ ଓ ଧରଣୀଧର ପାତ୍ର ଯୋଗଦେଇ ପିଲାମାନଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାଦାନର ଗୁରୁତ୍ୱ ବୁଝାଇଥିଲେ। ସଦର ବ୍ଲକ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ପିଲାମାନଙ୍କୁ ଜୀବନରେ ଲକ୍ଷ୍ୟ ସ୍ଥିର କରି ସେହି ଦିଗରେ ଆଗେଇଯିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଆଡ୍‌ମିଶନ ଜରିଆରେ ମୋଟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ପିଲାମାନଙ୍କୁ ପ୍ରଚାର ପତ୍ରିକା ଓ ବିବରଣୀ ପୁସ୍ତିକା ବଣ୍ଟନ କରାଯାଇଥିଲା। ମୁଁ ପଢିବି, ବଢ଼ିବି ଓ ଶ୍ରେଷ୍ଠ ହେବି ଧ୍ୱନିରେ ସାରା ଶିବିର ପ୍ରକମ୍ପିତ ହୋଇଉଠିଥିଲା। ପବ୍ଲିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଜିଲା ଏସ୍‌ଆଇଓଏସ୍ ସଂଯୋଜକ ଜୟନ୍ତୀମଣି ସାହୁ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ, ବ୍ଲକ ଏସ୍‌ଆଇଓଏସ୍ ସଂଯୋଜକ ଓ ବ୍ଲକ ବିଜ୍ଞାନ ସଂଯୋଜକମାନେ ଯୋଗ ଦେଇଥିଲେ। ସଦର ବ୍ଲକର ସମସ୍ତ ସିଆର୍‌ସିସି ଓ ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

